10.9.23
C.W

(ବ୍ୟାକରଣ ବିଭାଗ)

## ସନ୍ଧି
Ch-1

**ପ୍ରଶ୍ନାବଳି 1 :-**

୧. ସନ୍ଧି କାହାକୁ କହନ୍ତି ଓ ଏହା କେତେ ପ୍ରକାର?

ଉ= ପରସ୍ପର ସନ୍ନିହିତ ଦୁଇଟି ବର୍ଣ୍ଣର ମିଳନ ଦ୍ୱାରା ଗୋଟିକର କିମ୍ବା ଉଭୟଙ୍କର କିଛି ପରିବର୍ତ୍ତନ ହେଲେ ଯେଉଁ ମିଳନକୁ ସନ୍ଧି କୁହାଯାଏ. ଏହା ୩ ପ୍ରକାରର. ଯଥା - (୧) ସ୍ୱରସନ୍ଧି, (୨) ବ୍ୟଞ୍ଜନ ସନ୍ଧି, (୩) ବିସର୍ଗ ସନ୍ଧି,

୪. ଶୂନ୍ୟସ୍ଥାନ ପୂରଣ କର:

(କ) ସମାନ ସ୍ୱର ପରେ ସମାନ ସ୍ୱର ଥିଲେ ଦୁହେଁ ମିଶି <u>ଦୀର୍ଘ</u> ହୁଅନ୍ତି,

(ଖ) ସ୍ୱରବର୍ଣ୍ଣର ପରେ 'ଛ' ଥିଲେ 'ଛ' ର <u>ଦ୍ୱିତ୍ୱ</u> ହୁଏ,

(ଗ) 'ମ୍' ପରେ <u>ଅବର୍ଗୀୟ ବ୍ୟଞ୍ଜନ</u> ଥିଲେ 'ମ୍' ସ୍ଥାନରେ ଅନୁସ୍ୱାର ହୁଏ,

(ଘ) ସାଧାରଣତଃ <u>ଅବ୍ୟୟ</u> ପଦଗୁଡ଼ିକରେ ଥିବା ବିସର୍ଗ ର ଜାତ,

(ଙ) 'ସ' ଜାତ ବିସର୍ଗରେ ପରବର୍ତ୍ତୀ <u>ଅ</u> ଲୋପ

ଧାଡ଼ିଂ ବିସର୍ଗ ______ ଓ ______ ଦ୍ରୁତ ।

୨ ନିମ୍ନଲିଖିତ ଶବ୍ଦମାନଙ୍କର ସନ୍ଧି ରୂପ ଉଲ୍ଲେଖ କର ।

- ସାରସାର୍ଥ - ସାରସ + ଅର୍ଥ
- ପୃଥ୍ୱୀଶ୍ୱର - ପୃଥ୍ୱୀ + ଈଶ୍ୱର
- ଭ୍ରାତ୍ରାଦି - ଭ୍ରାତୃ + ଅଦି
- ସ୍ୱୈର - ସ୍ୱ + ଅର
- ଅକ୍ଷୌହିଣୀ - ଅକ୍ଷ + ଅହିଣୀ
- ଦ୍ୱିଦୈଷା - ଦ୍ୱିଦ + ଅଷା
- ପର୍ଯ୍ୟାଲୋଚନ - ପରି + ଆଲୋଚନ
- ଅଧ୍ୟକ୍ଷ = ଅଧି + ଅକ୍ଷ
- ନ୍ୟୂନ - ନି + ଊନ
- ପିତ୍ରିଚ୍ଛା - ପିତୃ + ଇଚ୍ଛା
- ନାୟକ - ନୈ + ଅକ

- ଭାବୁକ୍ତି - ଭୌ + ଉକ୍ତି
- ଉତ୍ତମର୍ଣ୍ଣ - ଉତ୍ତମ + ଋଣ
- ଅବ୍ଜ - ଅପ୍ + ଜ
- ବାଙ୍ମୟ - ବାକ୍ + ମୟ
- କିମ୍ବା - କିମ୍ + ବା
- ଷଡ୍ଜ - ଷଟ୍ + ଜ
- ପୁନର୍ନବା - ପୁନଃ + ନବା
- ବହିରାବରଣ - ବହିଃ + ଆବରଣ
- ଜ୍ୟୋତୀରାଶି - ଜ୍ୟୋତିଃ + ରାଶି

୨. 'ର' ଜାତ ଓ 'ଯ' ଜାତ ସନ୍ଧି କାହାକୁ କୁହାଯାଏ, ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ପ୍ରଦାନ କର,

ଉ= 'ର' ପରେ 'ର' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ 'ର' ସ୍ଥାନରେ 'ର' ହୁଏ। 'ର' ପୂର୍ବ ବର୍ଣ୍ଣରେ ର ଫଳା ( ) ଚିହ୍ନଦ୍ୱାରା ହୁଏ, ପରବର୍ତ୍ତୀ ସ୍ୱରବର୍ଣ୍ଣ ପରବର୍ତ୍ତୀ ବର୍ଣ୍ଣରେ ଯୁକ୍ତ ହୁଏ, ତାହାକୁ 'ର' ଜାତ ସନ୍ଧି କୁହାଯାଏ।

ଉଦାହରଣ :-

- ପିତୃ + ଅନୁମତି = ପିତ୍ରନୁମତି • ମାତୃ + ଆଦେଶ = ମାତ୍ରାଦେଶ
- ପିତୃ + ଇଚ୍ଛା = ପିତ୍ରିଚ୍ଛା • ମାତୃ + ଅନୁମତି = ମାତ୍ରନୁମତି
- ପିତୃ + ଆଦେଶ - ପିତ୍ରାଦେଶ

'ସମ୍' ଉପସର୍ଗ ପରେ 'କୃ' ଧାତୁ ନିର୍ମିତ ପଦ ଥିଲେ 'ସମ୍' ପରେ 'ସ' ର ଆଗମ ହୁଏ. 'ସମ୍'ରେ ଥିବା 'ମ୍' [struck out] ଅନୁସ୍ୱାର ହୁଏ. ତାହାକୁ 'ସ' ସହ ଯୁକ୍ତ କରାଯାଏ.

ଉଦାହରଣ :-

- ସମ୍ + କାର = ସଂସ୍କାର • ସମ୍ + କରଣ = ସଂସ୍କରଣ
- ସମ୍ + କୃତ = ସଂସ୍କୃତ • ସମ୍ + କୃତି - ସଂସ୍କୃତି
- ସମ୍ + କୃତ = ସଂସ୍କରଣ
-

୩ ସଂସ୍କୃତ ନିୟମ ଅନୁସାରେ ହୋଇ ଓଡ଼ିଆରେ ବ୍ୟବହାର ହେଉଥିବା ସନ୍ଧିମାନଙ୍କର ଦୁଇଟି ଦୃଷ୍ଟାନ୍ତ ଦିଅ.

= ସଂସ୍କୃତ ନିୟମ ଅନୁସାରେ ହୋଇ ଓଡ଼ିଆରେ ବ୍ୟବହାର ହେଉଥିବା ସନ୍ଧିଗୁଡ଼ିକ ହେଲା :-

- ବାର + ଅଣା - ବାରଣା
- ମାର + ଅଣା - ମାରଣା
- ଆର + ଏକ - ଆରେକ
- ଜଣ + ଏକ - ଜଣେକ
- ମାଣ + ଏକ - ମାଣେକ
- ବାଜ + ଅଣା - ବାଜଣା
- ଖାଇ + ଅଛି - ଖାଇଛି

10.9.23
C.W

(ବ୍ୟାକରଣଗତ ବିଭାଗ)

## ସମାସ
### ch-2

ସ୍ମାରକ ଲିପି :-

୧. ସମାସ କାହାକୁ କହନ୍ତି ?
= ପରସ୍ପର ସମ୍ପର୍କ ଥିବା ଏକାଧିକ ପଦକୁ ଏକପଦରେ ପରିଣତ କରିବାକୁ ସମାସ କହନ୍ତି। ସମାସର ଅର୍ଥ ସଂକ୍ଷେପ।

୨. ସମସ୍ତ ପଦ, ସମସ୍ୟମାନ ପଦ ଏବଂ ବ୍ୟାସ ବାକ୍ୟ କାହାକୁ କହନ୍ତି ?
= ପଦମାନଙ୍କର ମିଳନରେ ଯେଉଁ ଏକପଦ ଗଠିତ ହୁଏ, ତାହାକୁ ସମସ୍ତ ପଦ କୁହାଯାଏ।
ଯେଉଁ ପଦମାନଙ୍କୁ ସମାସ ଦ୍ୱାରା ଏକପଦରେ ପରିଣତ କରାଯାଏ, ସେଗୁଡ଼ିକ ସମସ୍ୟମାନ ପଦ କୁହାଯାଏ।
ସମାସ ଅନ୍ତର୍ଗତ ପଦମାନଙ୍କର ପରସ୍ପର ଅନ୍ୱୟ ଜାଣିବା ପାଇଁ ଯେଉଁ ବାକ୍ୟ ବା ପଦ ବିନ୍ୟାସ କରାଯାଏ, ତାହାକୁ ବ୍ୟାସ ବାକ୍ୟ କୁହାଯାଏ।

୩. ସମାସ ପ୍ରକ୍ରିୟାକୁ ଗୋଟିଏ ଉଦାହରଣ ମାଧ୍ୟମରେ ଉଲ୍ଲେଖ କର।
= ଏକ / ଦନ୍ତ = ଏକଦନ୍ତ

୪. ସାଧାରଣତଃ ଆମ ଓଡ଼ିଆ ଭାଷାରେ କେତେ ବିଧର ସମାସ ଦେଖାଯାଏ ଓ କ'ଣ କ'ଣ - ପ୍ରତ୍ୟେକରୁ ଦୁଇଟିର ଉଦାହରଣ ଦିଅ ,

= ସାଧାରଣତଃ ଆମ ଓଡ଼ିଆ ଭାଷାରେ ତିନି ବିଧର ସମାସ ଦେଖାଯାଏ ,

୧. ତତ୍ସମ ଶବ୍ଦ ସହିତ ତତ୍ସମ ଶବ୍ଦର ମିଳନରେ ଯେଉଁ ସମାସ ହୁଏ, ତାହା ସାଧୁ ସଂସ୍କୃତ ସମାସ ଅଟେ, ଯଥା - ନୀଳୋତ୍ପଳ, ପୀତାମ୍ବର ,

୨. ତତ୍ସମ ଶବ୍ଦ ସହିତ ଅନ୍ୟ ଶବ୍ଦର ମିଳନରେ ଯେଉଁ ସମାସ ହୁଏ ଅର୍ଥାତ୍ ତତ୍ସମ ସହିତ (ତଦ୍ଭବ, ଦେଶଜ ଓ ବୈଦେଶିକ) ଶବ୍ଦର ମିଳନ ଘଟି ସମାସ ଉତ୍ପନ୍ନ ହେଲେ ତାହା ମିଶ୍ର, ଯଥା - ନୀଳକଣ୍ଠ, ଘନକାଳିଆ ,

୩. ସମସ୍ୟମାନ ପଦମାନଙ୍କ ମଧ୍ୟରୁ କେହି ତତ୍ସମ ହୋଇନଥିଲେ ତାହା ବିଶୁଦ୍ଧ ଓଡ଼ିଆ ସମାସ , ଯଥା - ଘରବୁଢ଼ା, କାଳିକଣ୍ଠ

୫. ସମାସ କେତେ ପ୍ରକାରର ଓ କ'ଣ କ'ଣ ? ପ୍ରତ୍ୟେକ ସମାସର ସଂଜ୍ଞା ଲେଖିବା ଗୋଟିଏ ଲେଖାଏଁ ଉଦାହରଣ ପ୍ରଦାନ କର ,

= ସମାସ ୬ ପ୍ରକାରର ; ଯଥା - ତତ୍ପୁରୁଷ, କର୍ମଧାରୟ, ବହୁବ୍ରୀହି, ଦ୍ୱିଗୁ, ଦ୍ୱନ୍ଦ୍ୱ ଓ ଅବ୍ୟୟୀଭାବ .

<u>ତତ୍ପୁରୁଷ ସମାସ :-</u>

ଯେଉଁ ସମାସରେ ଉତ୍ତର ପଦର ଅର୍ଥ ପ୍ରଧାନ ହୋଇଥାଏ, ତାହାକୁ ତତ୍ପୁରୁଷ ସମାସ କହନ୍ତି , ଯଥା - ଧର୍ମକୁ ଗତ = ଧର୍ମଗତ.

<u>କର୍ମଧାରୟ ସମାସ :-</u>

ଏକାଧିକ ପଦ ମିଳିତ ହୋଇ ଏକ ବିଭକ୍ତି , ବିଶେଷ୍ୟ ବା କୋଣସି

ଏକକୁ ବୁଝାଉଥିଲେ ଅର୍ଥାତ୍ ବିଶେଷଣ ପଦ ଗୋଟିଏ ବସ୍ତୁକୁ ବା ବ୍ୟକ୍ତିକୁ ବୁଝାଉଥିଲେ କର୍ମଧାରୟ ସମାସ ହୁଏ, ଯଥା- ସଜ ଅଟେ ଫୁଲ = ସଜଫୁଲ।

<u>ବହୁବ୍ରୀହି ସମାସ</u> :-

ଯେଉଁ ସମାସରେ ସମସ୍ତପଦ ସମସ୍ୟମାନ ପଦ ମଧ୍ୟରୁ କାହାରିକୁ ନ ବୁଝାଇ ତଦର୍ଥବିଶିଷ୍ଟ ଅନ୍ୟ କାହାକୁ ବୁଝାଏ, ତାହାକୁ ବହୁବ୍ରୀହି ସମାସ କହନ୍ତି। ଯଥା- ଘୋଡ଼ା ମୁହଁ ଯାହାର ସେ - ଘୋଡ଼ାମୁହାଁ।

<u>ଦ୍ୱିଗୁ ସମାସ</u> :-

ଯେଉଁ ସମାସରେ ସଂଖ୍ୟାବାଚକ ପଦ ପୂର୍ବରେ ଥାଏ ଏବଂ ସମାସ ନିଷ୍ପନ୍ନ ସମାହାର (ସମଷ୍ଟି) ଅର୍ଥ ବୁଝାଉଥାଏ, ତାହାକୁ ଦ୍ୱିଗୁ ସମାସ କୁହାଯାଏ, ଯଥା- ଚାରି ଛକିର ସମାହାର = ଚୌଛକି।

<u>ଦ୍ୱନ୍ଦ୍ୱ ସମାସ</u> :-

ଯେଉଁ ସମାସରେ ଦୁଇ ବା ତତୋଧିକ ପଦ ମିଳି ଏକ ପଦ ହେଲେ ହେଁ ସମସ୍ୟମାନ ପଦର ଅର୍ଥର ପ୍ରାଧାନ୍ୟ ଥାଏ, ତାହାକୁ ଦ୍ୱନ୍ଦ୍ୱ ସମାସ କୁହାଯାଏ, ଯଥା- ଧନ ଓ ମାନ = ଧନମାନ।

<u>ଅବ୍ୟୟୀଭାବ</u> :-

ଯେଉଁ ସମାସରେ ପୂର୍ବପଦ ଅବ୍ୟୟ ହୋଇଥାଏ ଏବଂ ସେହି ଅବ୍ୟୟର ଅର୍ଥର ପ୍ରାଧାନ୍ୟ ଥାଏ, ତାହାକୁ ଅବ୍ୟୟୀଭାବ ସମାସ କୁହାଯାଏ, ଯଥା- ଦିନକୁ ଦିନ = ପ୍ରତିଦିନ।

୨. ରୂପକ କର୍ମଧାରୟ ସମାସ କାହାକୁ କହନ୍ତି ?

= ଯେଉଁ ସମାସରେ ଉପମେୟ ଓ ଉପମାନ ମଧ୍ୟରେ

ରୂପକ ଅର୍ଥାତ୍ ଅଭେଦ କଳ୍ପନା କରାଯାଇଥାଏ, ତାହାକୁ ରୂପକ କର୍ମଧାରୟ ସମାସ କହନ୍ତି।

୭ ଦ୍ୱିଗୁ ଓ ସମାହାର ଦ୍ୱନ୍ଦ୍ୱ ମଧ୍ୟରେ ପ୍ରଭେଦ ଦର୍ଶାଅ।

= ଯେଉଁ ସମାସରେ ସଂଖ୍ୟାବାଚକ ପଦ ପୂର୍ବରେ ଥାଏ ଓ ସମାସ ନିଷ୍ପନ୍ନ ସମାହାର (ସମଷ୍ଟି) ଅର୍ଥ [illegible] ବୁଝାଇଥାଏ, ତାହାକୁ ଦ୍ୱିଗୁ ସମାସ କୁହାଯାଏ। ଏହି ସମାସ ଗୁଡ଼ିକ ବିଶେଷରେ ସମସ୍ତ ପଦରେ ଆକାର, ଈକାର ପ୍ରଭୃତିର ଯୋଗ ହୋଇଥାଏ। ଯଥା - ତିନି ଲୋକର ସମାହାର - ତ୍ରିଲୋକୀ

ଯେଉଁ ସମାସରେ ଦୁଇ ବା ତତୋଧିକ ପଦ ମିଳି ଏକ ପଦ ହୁଏ ଏବଂ ସମସ୍ତ ପଦର ଅର୍ଥର ପ୍ରାଧାନ୍ୟ ଥାଏ, ତାହାକୁ ଦ୍ୱନ୍ଦ୍ୱ ସମାସ କୁହାଯାଏ। ଦ୍ୱନ୍ଦ୍ୱ ସମାସର ବ୍ୟାସ ବାକ୍ୟରେ 'ଓ', 'ଏବଂ', 'ତଥା' ପ୍ରଭୃତି ସଂଯୋଜକ ଅବ୍ୟୟ ବ୍ୟବହୃତ। ଯଥା - ଧନ ଓ ମାନ - ଧନମାନ

୮ ନିତ୍ୟ ସମାସ କେତେ ପ୍ରକାରର ଓ କ'ଣ କ'ଣ? ପ୍ରତ୍ୟେକର ସଂଜ୍ଞା ଲେଖି ଗୋଟିଏ ଲେଖାଏଁ ଉଦାହରଣ ଦିଅ।

= ନିତ୍ୟ ସମାସ ୨ ପ୍ରକାରର। (୧) ଅସ୍ୱପଦ ବିଗ୍ରହ (୨) ଅବିଗ୍ରହ

ଯାହାର ସ୍ୱପଦ ମାନଙ୍କର ବିଗ୍ରହ ନ ହୋଇ ଅନ୍ୟ ପଦର ଆଶ୍ରୟରେ ସମାସ ହୁଏ, ତାହାକୁ 'ଅସ୍ୱପଦ ବିଗ୍ରହ ନିତ୍ୟ ସମାସ' କୁହାଯାଏ। ଯଥା - ଭୋଜ ନିମିତ୍ତ = ଭୋଜାର୍ଥ

୯. ଶୂନ୍ୟସ୍ଥାନ ପୂରଣ କର ।

(କ) ବ୍ୟାପ୍ତି ଅର୍ଥରେ ଦ୍ୱିତୀୟା ବିଭକ୍ତି ଲୋପ ହୋଇଥିବାରୁ ଦ୍ୱିତୀୟା ତାକୁ ତତ୍ପୁରୁଷ ସମାସ କହନ୍ତି ।

(ଖ) କର୍ମଧାରୟ ସମାସର ସମସ୍ତ ପଦରେ ପରପଦର ଅର୍ଥର ପ୍ରାଧାନ୍ୟ ରହେ ।

(ଗ) ଅଲୁକ୍ ସମାସରେ ସମସ୍ୟମାନ ପଦମାନଙ୍କର ପ୍ରାଧାନ୍ୟ ସମଥକି ।

(ଘ) ବହୁବ୍ରୀହି ସମାସରେ ପରପଦ ଜାୟା ଥିଲେ ତାହା ସମସ୍ତ ପଦରେ 'ଜାନି' ହୁଏ ।

(ଙ) ଉପମାନ କର୍ମଧାରୟ ସମାସର ସମସ୍ତ ପଦରେ ବାଚକ ପଦଟି ପୂର୍ବରେ ରହେ ।

୧୦. ନିମ୍ନଲିଖିତ ଶବ୍ଦମାନଙ୍କର ବ୍ୟାସବାକ୍ୟ ଉଲ୍ଲେଖ କର

- ଚିରଦୁଃଖ - ଚିରକାଳ ବ୍ୟାପୀ ଦୁଃଖ
- ଗାଧୁଆଘର - ଗାଧୁଆ ନିମନ୍ତେ ଘର
- ରାତିଅନିଦ୍ରା - ରାତିରେ ଅନିଦ୍ରା
- କାନକୁହା - କାନରେ କହୁଥିବା କଥା

- ଛିଦରଶ୍ରୟା - ଛିଦା ଆଶ୍ରୟ ପରି ଆଶ୍ରୟ
- ଧର୍ମାନ୍ତର - ଅନ୍ୟ ଧର୍ମ
- ଦଧିଚୂଡ଼ା - ଦଧି ମିଶା ଚୂଡ଼ା
- ପଦ୍ମନାଭ - ପଦ୍ମ ନାଭିରେ ଯାହାର
- ଶ୍ୱେତ ପକ୍ଷି - ଶ୍ୱେତ ପକ୍ଷି ଯାହାଙ୍କର ସେ
- ଯଲ୍ଲଜ - ଲୋଜ ଯଦ୍ଧ ଧରି
- ଅଣବାକିଆ - ନାହିଁ ବାକି ଯାହାର ସେ
- ବିଧବା - ବିଗତ ଧବ ଯାହାର ସେ
- ଧର୍ମବନ୍ତା - ଧର୍ମବନ୍ତର ସମାହାର
- ରାଧାକୃଷ୍ଣ - ରାଧା ଓ କୃଷ୍ଣ
- ଅହର୍ନିଶ - ଅହଃ ଓ ନିଶା
- ବେଦମ - ଦମର ଅଭାବ
- ଯଥାର୍ଥ - ଅର୍ଥକୁ ଅତିକ୍ରମ ନ କରି

— x —

## Ch-1

## ସନ୍ଧି

- ଖାଉ + ଅଛି - ଖାଉଛି
- ଧୋଉ + ଅଛି - ଧୋଉଛି
- ଖାଉ + ଅଛି - ଖାଉଛି

୪ ସ୍ୱରସନ୍ଧିରେ ଦୀର୍ଘ ଆକାର ସମ୍ପର୍କରେ ଆଲୋଚନା କରି ଦୁଇ ଉଦାହରଣ ଦିଅ.

=
- ଯାଚ + ଅଷ୍ଟ = ଯାଚାଷ୍ଟ
- ସୁଧା + ଅଂଶୁ = ସୁଧାଂଶୁ
- ଦୟା + ଆନନ୍ଦ = ଦୟାନନ୍ଦ
- ମହା + ଆକାଶ = ମହାକାଶ
- ମହା + ଆନନ୍ଦ = ମହାନନ୍ଦ

— x —

- ନିର୍ଧାର୍ଯ୍ୟ - ଅଦିଷ୍ଟରୁ ଧାର୍ଯ୍ୟ ବା ଅଗ୍ରିମ ଧାର୍ଯ୍ୟ
- ଦ୍ୱିଜାର୍ଥ - ଦ୍ୱିଜଙ୍କ ନିମିତ୍ତେ
- ଅନୁକାରୀ - ଅନୁକରଣ କରେ ଯେ

—x—